# ତହସିଲଦାରଙ୍କ କାର୍ଯ୍ୟାଳୟ ,ବୋରିଗୁମ୍ମା (କୋରାପୁଟ)

ପତ୍ର ସଂଖ୍ୟା :- ୪୦୨୪/ଏଁ

ତାରିଖ :- ୧୪-୧୨-୨୦୧୮

## ଲଘୁ ଖଣିଜ ଲିଜ ନିମନ୍ତେ

## ବିଜ୍ଞାପନ

### ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୦୪ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ- ୨୦୧୬ ଅନୁଯାୟୀ

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ
ବୋରିଗୁମ୍ମା ତହସିଲ ଅନ୍ତର୍ଗତ ନିମ୍ନ ପ୍ରଦତ୍ତ ସଇରାତ ଉତ୍ସ ( ଲଘୁ ଖଣିଜ ଦ୍ରବ୍ୟ ) ଗୁଡିକ ଅନ୍ୟୁନ ୫ (ବର୍ଷ ନିମନ୍ତେ (୨୦୧୮ -୧୯) ଠାରୁ (୨୦୨୨-
୨୩ ) ଦାମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ)
ଆଇନ ୨୦୧୬ ର ଫର୍ମ –ଖ ପୂରଣ କରି ଆବଶ୍ୟକୀୟ ପ୍ରମାଣ ପତ୍ର ଯଥା ଟ.୧,୦୦୦/-(ଏକ ହଜାର ଟଙ୍କା ) ର ଟ୍ରେଜରି ଚାଲାଣ (Head of
Account -0853 –Non –Ferro Mining and Metallurgical Industries 102 Mineral Concession Fees
,Rents and Royalties' (ଫେରସ୍ତ ଦିଆଯିବ ନାହିଁ), ଦରଖାସ୍ତ ନିମନ୍ତେ ଉତ୍ସର ନାମ,ତଫସିଲ ଓ ସରହଦ ବିବରଣୀ , ଦରଖାସ୍ତକାରୀଙ୍କ ନାମରେ
ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ସତ୍ୟପାଠ , ସାଲଭେନସି ପ୍ରମାଣପତ୍ର ତଥା ଅସ୍ଥାବର ସମ୍ପତ୍ତିର ବିବରଣୀ
/ବ୍ୟାଙ୍କ ଗ୍ୟାରଣ୍ଟି , ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ , ଅଭିଜ୍ଞତା , ପାଖରେ ଥିବା ଯନ୍ତ୍ରସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ସହ
, ସଲଗ୍ନ ପୂର୍ବକ କୁମୁଦଡିଆ ଲଫାପାରେ ରେଜିଷ୍ଟ୍ରି ସ୍ପିଡ ପୋଷ୍ଟ ଯୋଗେ ସଂପୃକ୍ତ ତହସିଲ ଠିକଣାରେ ପଠାଇବେ । ଦରଖାସ୍ତରେ ଲିଜ ସୂତ୍ରେ ନେବାକୁ
ଇଚ୍ଛୁକ ଥିବା ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ମୂଲ୍ୟ (ଯଥା –ପଥର ପ୍ରତି ଘନ ମି. ପ୍ରତି ୧୩୦ ଟଙ୍କା ଠାରୁ କମ ମୂଲ୍ୟ ଦର୍ଶାଇଲେ
ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଦରଖାସ୍ତ ଗ୍ରହଣର ଶେଷ ତାରିଖ ତା:୩୧.୧୨.୧୮ ସମୟ ଦିବା ୫.୦୦ ଘଣ୍ଟ ଅଟେ ।
ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଲିଜରେ ଅଂଶ ଗ୍ରହଣ କରୁଥିବ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକୁ ପରିଦର୍ଶନ କରି ,
ପରିଚାଳନା ପାଇଁ ଗମନାଗମନ ସୁବିଧା , ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ
କରିବା ଆବଶ୍ୟକ । ଲିଜ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ନୁହେଁ କିମ୍ବା ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ
ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଦରଖାସ୍ତଗୁଡିକୁ ଉପସ୍ଥିତ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା :
୦୩.୦୧.୨୦୧୯ ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବା ଆବେଦିତ ଦରଖାସ୍ତ ମଧ୍ୟରେ ସର୍ବାଧିକ
ରୟାଲିଟ ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଉତ୍ସ ନିମନ୍ତେ ସମାନ ରୟାଲିଟି ମୂଲ୍ୟ ଦର୍ଶାଇଥିଲେ
, ଲଟେରୀ ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥିର କରାଯିବ । ଯୋଗ୍ୟ ବିବେଚିତ ହୋଇଥିବା ଦରଖାସ୍ତକାରୀ ୭ (ସାତ ) ଦିନ ମଧ୍ୟରେ କ୍ଷମତା ପ୍ରାପ୍ତ
ଅଧିକାରୀ ଦର୍ଶାଇଥିବା EMD କୁ ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ନଗଦ ଟଙ୍କା ମାଧ୍ୟମରେ ଜମାଦେବେ ଏବଂ ଧାର୍ଯ୍ୟ ସମୟ ସୀମା ମଧ୍ୟରେ Mining Plan
ଏବଂ Environment Clearance ଦାଖଲ କରିବେ । Mining Plan ଟି Form ZB ରେ ଭୂତତ୍ତ୍ୱବିତ , ଯୁଗ୍ମ ନିର୍ଦ୍ଦେଶକ , ଭୂତତ୍ତ୍ୱ
ବିଭାଗ, କୋରାପୁଟ / ଖଣି ଅଧିକାରୀ କୋରାପୁଟଙ୍କ ନିକଟକୁ ଅନୁମୋଦିତ ହୋଇଥିବା ବିଧେୟ । ପ୍ରାଧିକୃତ ଅଧିକାରୀ Mining Plan ରେ
ଦର୍ଶାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଓ ଦରଖାସ୍ତରେ ଦେଇଥିବା ରୟାଲିଟ ମୂଲ୍ୟ ଅନୁଯାୟୀ ସମସ୍ତ ଟଙ୍କା ଲିଜ ଧାରିଙ୍କୁ ଏକକକାଳୀନ ଦାଖଲ
କରିବାକୁ ପଡିବ । ଏହାପରେ ଲିଜଧାରି ନିଜ ଖର୍ଚ୍ଚରେ ଲିଜ Agreement ବା ଚୁକ୍ତି ( ରେଜିଷ୍ଟ୍ରେସନ ଆକ୍ଟ -୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯
ଅନୁଯାୟୀ ) ସମ୍ପାଦନ କରିବେ । ଯଦି ନିର୍ବାଚିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନକରନ୍ତି, ତେବେ ତାଙ୍କର EMD ବ୍ୟାଜ୍ୟାପ୍ତ ହେବ ।
ଯଦି ସର୍ବାଧିକ ରୟାଲିଟି ମୂଲ୍ୟ ଦର୍ଶାଇଥିବା ଉପରୋକ୍ତ ବ୍ୟକ୍ତି ସର୍ତ୍ତାବଳିର ଖିଲାଫ କରନ୍ତି ,ତେବେ ତାଙ୍କ ପରବର୍ତ୍ତୀ ସର୍ବାଧିକ ରୟାଲିଟି ଦର୍ଶାଇଥିବା
ଆବେଦନକାରୀଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ । ସର୍ବାଧିକ ଆବଶ୍ୟକୀୟ ସମସ୍ତ କ୍ଲିରାନ୍ସ ନିମନ୍ତେ ପ୍ରମାଣ ସହ ସମୟ Extension ପାଇଁ
ଦରଖାସ୍ତ କରିବେ ଏବଂ ତାହାର Acknowledgement କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ନେବେ ।

ଏହା ବ୍ୟତିତ ଆବେଦନକାରି ବା ଲିଜଧାରରି ଦାଖଲ କରିଥିବା ସମସ୍ତ ରୟାଲିଟି ମୂଲ୍ୟର ଶତକଡା ୫ ଭାଗ ଅର୍ଥ ପରିବେଶ ଅପରିଚାଳନା ପାଣ୍ଠି
ବାବଦକୁ ଏବଂ ୧୦ ପ୍ରତିଶତ ଜିଲ୍ଲା ଖଣିଜ ମୂଳଦୁଆ ଟ୍ରଷ୍ଟ (DMFT) ବାବଦକୁ ପୈଠ କରିବାକୁ ପଡିବ । ଧାରା – ୨୮ ଅନୁଯାୟୀ ଲିଜଧାରିଙ୍କୁ
ପ୍ରତ୍ୟେକ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଉଥିବା ରୟାଲିଟି Compensatory a Forestation ( କ୍ଷତିପୂରକ ବନୀକରଣ ) ନିମନ୍ତେ
ଫି ଏବଂ surface rent ଦାଖଲ କରିବାକୁ ପଡିବ । ଲିଜଧାରିଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲିଟି /
Addtinational charge ଧାର୍ଯ୍ୟ ମୂଲ୍ୟ ଜମା କରିବାକୁ ପଡିବ ।

ଆବଶ୍ୟକସ୍ଥଳେ ନିୟମ ଅନୁଯାୟୀ ସିକ୍ୟୁରୀଟି ବାବଦ ଜମା ରାଶିକୁ ବ୍ୟାଜ୍ୟାପ୍ତି କରିବାର କ୍ଷମତା କ୍ଷମତାଧାରି ଅଧିକାରୀଙ୍କ ରହିବ ।
ସର୍ବୋଚ୍ଚ ନିଲାମଧାରୀ ନିଲାମ ମୂଲ୍ୟର ୨ % ( ଶତକଡା ଦୁଇ ) ଆୟାକର ବାବଦକୁ ଜମା କରିବେ , ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି
ତ୍ରୁଟି ପରିଲକ୍ଷିତ ହୁଏ , ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି ।

S. [signature] ୧୭।୧୨ ୨୦୧୮

TAHSILDAR
BORIGUMMA

ଆବେଦନକାରୀ / ଲିଜଧାରି ବ୍ୟକ୍ତିମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ଆଇନ ୨୦୦୪ , ତଥା ସଂଶୋଧୀତ OMMC/(Amendment) Rule ୨୦୧୬ ର ପରିସରଭୁକ୍ତ ରହିବେ । ଏଥି ସହିତ ସମସ୍ତ ସବିଶେଷ ତଥ୍ୟ ଏବଂ ସର୍ତ୍ତାବଳୀ ଜିଲ୍ଲା ୱେବସାଇଟରୁ ପାଇପାରିବେ। ଏଥି ସଂକ୍ରାନ୍ତୀୟ ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ ।

<u>ସୈରାତ୍ ଉତ୍ସ ର ବିଶେଶ ବିବରଣି</u>

| କ୍ରମିକ ନଂ | କେସ ନଂ | ଲଘୁ ଖଣିଜ ଜାତ ଉତ୍ସର ନାମ | ମୌଜା | ଖାତା | ଖସଡା | ରକବା | ସର୍ବନିମ୍ନ ରୟାଲିଟି ମୂଲ୍ୟ (Per Cul M ) | ସର୍ବନିମ୍ନ ମୂଲ୍ୟ ( Additional charge) |
|---|---|---|---|---|---|---|---|---|
| ୧ | ୧୧୫ /୨୦୧୮-୧୯ | ପଥରଖଣି | ଆମ୍ବଡାଗୁଡା | ୪୮ | ୧ | ଏ ୩.୦୦ | ୧୩୦.୦୦ | ୬.୫୦ |
| ୨ | ୧୧୬ /୨୦୧୮- ୧୯ | ପଥରଖଣି | ଆମ୍ବଡାଗୁଡା | ୪୮ | ୧ | ଏ ୩.୦୦ | ୧୩୦.୦୦ | ୬.୫୦ |
| ୩ | ୧୧୭/ ୨୦୧୮ - ୧୯ | ପଥରଖଣି | ଆମ୍ବଡାଗୁଡା | ୪୮ | ୧ | ଏ ୭.୦୦ | ୧୩୦.୦୦ | ୬.୫୦ |
| ୪ | ୧୧୮/୨୦୧୮- ୧୯ | ପଥରଖଣି | ଆମ୍ବଡାଗୁଡା | ୪୮ | ୪୯ | ଏ ୩.୦୦ | ୧୩୦.୦୦ | ୬.୫୦ |

14/12/2018

ତହସିଲଦାର ବୋରିଗୁମ୍ମା

# OMMC (Amendment ) Rules 2014 , 2016;

ଦୀର୍ଘ ମିଆଦି ଲଘୁ ଖଣିଜ ଲିଜ ନିମନ୍ତେ ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ ।

୧. ଦରଖାସ୍ତ ପାଉଣା ବାବଦ ଟ. ୧୦୦୦ ଙ୍କା (ଅଣଫେରସ୍ତ)ର ଟ୍ରେଜେରୀ ଚାଲାଣ ।

୨. ପ୍ରସ୍ତାବିତ ସୈରାତଉତ୍ସର ତଫସିଲ ସହ ଚୌହଦିର ସମ୍ପୁର୍ଣ୍ଣ ବିବରଣୀ ସଂପୃକ୍ତ ସୈରାତ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତନକ୍ସା ମେଳ କରି ସଂଲଗ୍ନ କରିବେ ।

୩. ସୈରାତଉତ୍ସ ବାବଦିୟ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୪. ଆବେଦନକାରୀ ଯେଉଁ ସୈରାତ ଉତ୍ସ ପାଇଁ ଆବେଦନ କରୁଛନ୍ତି, ତାହା ପାଇଁ ଧାର୍ଯ୍ୟ ରୟାଲଟି ରେଟ୍ ତୁଳନାରେ କେତେ ସର୍ବୋଚ୍ଚ ରେଟ୍ ରେ ନେବାକୁ ଚାହୁଁଛନ୍ତି ତାହା ଉଲ୍ଲେଖ କରିବେ ।

୫. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ Solvency Certificate ସହ ଅସ୍ତାବର ସମ୍ପତ୍ତିର ପ୍ରମାଣ ପତ୍ର ।

୬. ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟର ବିବରଣୀ ଯଥା ବୈଶୟିକ ଜ୍ଞାନ , ଦକ୍ଷତା ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ବାବଦୀୟ ସୂଚନା ।

S. [signature] 14/12/2018
ତହସିଲଦାର, ବୋରିଗୁମ୍ମା

## ସର୍ତ୍ତାବଳୀ

୧. ଆବେଦନକାରୀ ମାନେ ଓଡ଼ିଶା ଖଣିଜ ଦ୍ରବ୍ୟ ଆଇନ ୨୦୦୪, O.M.M.C (Amendment) Rule ୨୦୧୪, 2015 ପରିସରଭୁକ୍ତ ରହିବେ ।

୨. ଲିଜ୍ ପାଇଁ ଆବେଦନ ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡ଼ିକ ପରିଦର୍ଶନ କରି ସୈରାତ ପରିଚ଼ାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍ ରେ ଅଂଶ ଗ୍ରହଣ କରିବେ ।

୩. ଲିଜ୍ ରେ ସୈରାତ୍ ଚ଼ଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪. ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୫. ସର୍ବୋଚ୍ଚ ଲିଜ୍ ଧାରୀ ନିଜ ଖର୍ଚ୍ଚରେ ମାଇନିଂ ପ୍ଲାନ ତିଆରି କରି ଦଖଲ କରିବେ ନଚେ଼ତ ଲିଜ୍ ବାତିଲ କରାଯିବ ।

୬. ସର୍ବୋଚ୍ଚ ଲିଜ୍ ଧାରୀ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ୍ ଧାରୀଙ୍କ ଦ୍ୱାରା ଦର୍ଶାଇଥିବା ଏକକ ରୟାଲିଟର ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଉକ୍ତ ରାଶି Environmental Clearance ଆଣି ସାରିଲା ପରେ ପୈଠ କରିବେ ଏବଂ ରୟାଲିଟି ସହ Dead rent ଓ Surface rent ଦାଖଲ କରିବେ । ସମ୍ପୂର୍ଣ୍ଣ ରାଶି ପୈଠ୍ ହେଲାପରେ ଲିଜ୍ଧାରୀ ରେଜିଷ୍ଟ୍ରେସନ Act ୧୯୮୮ ଅନୁଯାୟୀ ଚୁକ୍ତିପତ୍ର (Agreement of Lease Deed) ସଂପାଦନ କରିବେ ।

୭. ପ୍ରଚ଼ଳିତ ନିୟମ ଅନୁଯାୟୀ ଲିଜ ଅବଧି ମଧ୍ୟରେ ଅର୍ଥାତ୍ : ତା.୩୧.୦୮.୨୦୧୬ ରିଖଠାରୁ ଲଘୁ ଖଣିଜ ଦ୍ରବ୍ୟର ରୟାଲିଟି ମୂଲ୍ୟରେ ୪୦ ଭାଗ ବୃଦ୍ଧି ହେବ ତତ୍ ସହିତ Dead rent ଓ Surface rent ରେ ମଧ୍ୟ ୪୦ ଭାଗ ବୃଦ୍ଧି ହେବ ।

୮. Competent Authority ସୁନିଶ୍ଚିତ କରିଥିବା ଅମାନତ ରାଶି (Earnest money) କୁ ମନୋନିତ ଲିଜ୍ଧାରୀ ନିଲାମ ସାବ୍ୟସ୍ତ ବେଳାପରେ ୭ (ସାତ) ଦିନ ମଧ୍ୟରେ ପୈଠ କରିବେ ।

୯. ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରୀ ଦାଖଲ ନକଲେ ଅମାନତ ରାଶି ବାଜ୍ୟାପ୍ତ କରାଯିବ ।

Sd/- ୮।୧୧।୨୦୧୮
ତହସିଲଦାର, କୋଟଗଡ଼

୧୦. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜ୍‌ଧାରୀ ନିଜ ଦାୟିତ୍ୱରେ ହାସଲ କରିବେ ।

୧୧. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ଜମା ହୋଇଥିବା ଜମାରାଶିକୁ ବାଜ୍ୟାପ୍ତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୨. ଲିଜ୍‌ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏସବି ସମ୍ପାଦନ ଖର୍ଚ୍ଚ ଲିଜ୍‌ଧାରୀ ବହନ କରିବେ ।

୧୩. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜ୍‌ଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୪. ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ ଗୁଡ଼ିକ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ।

୧୫. ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ।

୧୬. ଜମା ରୟାଲିଟି ୨% ପ୍ରତିଶତ ଲିଜଧାରୀ ଆୟକର (TDS) ବାବଦକୁ ଚାଲାଣ ଆକାକରରେ ଜମା କରିବେ ।

୧୭. ଲିଜ୍ ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ ରୟାଲିଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବ ।

୧୮. ସର୍ବୋଚ୍ଚ ରୟାଲିଟି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ୍ ନନେଲେ ତତ୍ ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୯. ସରକାରୀ ରୟାଲିଟି ଧାର୍ଯ୍ୟ ଦର ଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କM- Formଖାରଜ କରିଦିଆଯିବ ।

୨୦. ଲିଜ୍‌ଧାରୀ ସୈରାତ ଉତ୍ସରପରିବେଶ ପରିଚାଳନା ପାଇଁ ବାର୍ଷିକ ରୟାଲିଟି ଦେୟର ୫ ପ୍ରତିଶତ (Odisha Envirnmental Management Fund Trust) ପାଇଁ ଚୁକ୍ତି ପୂର୍ବରୁ ଦାଖଲ କରିବେ ।

ତହସିଲଦାର, ବୋରିଗୁମ୍ମା